# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 03rd January - 2026
************************************

*BBSR/R*

## ମୁଖ୍ୟମନ୍ତ୍ରୀ – ଭିଜିଲାନ୍ସ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ଲୋକସେବା ଭବନରେ ଭିଜିଲାନ୍ସ ବିଭାଗର କାର୍ଯ୍ୟକ୍ରମଗୁଡ଼ିକର ସମୀକ୍ଷା କରିଛନ୍ତି । ମୁଖ୍ୟମନ୍ତ୍ରୀ' ଓଡ଼ିଶାକୁ ସମ୍ପୂର୍ଣ୍ଣ ଦୁର୍ନୀତିମୁକ୍ତ କରିବାକୁ ଅଭିଯାନ ଜାରି ରଖିବାକୁ ବିଭାଗକୁ ପରାମର୍ଶ ଦେଇଛନ୍ତି । ବୈଠକରେ ବିଭାଗର ବିଭିନ୍ନ ଆବଶ୍ୟକତା, ଦକ୍ଷତା ବୃଦ୍ଧି, ନିଯୁକ୍ତି ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା । ଏ ବିଷୟରେ ତର୍ଜମା କରାଯାଇ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ବୈଠକରୁ ମିଳିଥିବା ସୂଚନା ଅନୁସାରେ ଗତବର୍ଷ ଏପ୍ରିଲ୍ ମାସରୁ ଡିସେମ୍ବର ମାସ ମଧ୍ୟରେ ରାଜ୍ୟ ସରକାର ୧୨୫ଟି ମାମଲାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

*Desk*

## ସଡ଼କ ସୁରକ୍ଷା ୱାକାଥନ୍

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱରରେ ଜାତୀୟ ସଡ଼କ ସୁରକ୍ଷା ମାସ ଅବସରରେ ରାଜ୍ୟସ୍ତରୀୟ ଉତ୍ସବର ଉଦ୍‌ଘାଟନ କରିବେ ।

ମୁଖ୍ୟମନ୍ତ୍ରୀ ଏହି ଅବସରରେ ସଡ଼କ ସୁରକ୍ଷା ଡ୍ୟାସ୍‌ବୋର୍ଡ଼ର ଶୁଭାରମ୍ଭ କରିବେ । ସଡ଼କ ସୁରକ୍ଷାକୁ ନେଇ ଶପଥ ଗ୍ରହଣ ଉତ୍ସବ ସହ ଏକ ପଦଯାତ୍ରା ଅନୁଷ୍ଠିତ ହେବ । ମହାତ୍ମାଗାନ୍ଧି ମାର୍ଗରୁ ଶ୍ରୀରାମ ମନ୍ଦିର ପର୍ଯ୍ୟନ୍ତ ପଦଯାତ୍ରା ହେବ ।

***Desk***

# ଧାନ ସଂଗ୍ରହ - ଜମି ସର୍ଭେ

ରାଜ୍ୟରେ ଖରିଫ୍ ଧାନ ସଂଗ୍ରହ ଜାରି ରହିଛି । ଧାନ ବିକ୍ରୟପାଇଁ ପଞ୍ଜିକୃତ ଚାଷୀ ପ୍ରଦାନ କରିଥିବା ସେମାନଙ୍କ ଚାଷ ଜମିର ବିବରଣୀକୁ ଆଧାର କରି ଉପଗ୍ରହ ମାଧ୍ୟମରେ ଫଟୋ ଉତ୍ତୋଳନ କରାଯାଇ ସେହ ପ୍ଲଟ୍‌ଗୁଡ଼ିକର ସବିଶେଷ ତଥ୍ୟ ଗ୍ରହଣ କରାଯାଉଛି । ଏହି ପ୍ରକ୍ରିୟାରେ ଅଣଧାନ, ଅଣକୃଷି ଏବଂ ଅନ୍ୟାନ୍ୟ ଅଞ୍ଚଳକୁ ମଧ୍ୟ ଚିହ୍ନଟ କରାଯାଉଛି । ଏହାଦ୍ୱାରା ଧାନ ସଂଗ୍ରହରେ ସ୍ୱଚ୍ଛତା ବଜାୟ ରଖିବା ସହ ପ୍ରକୃତ ଚାଷୀ ଲାଭାନ୍ୱିତ ହୋଇପାରିବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି । ବର୍ତ୍ତମାନ ସୁଦ୍ଧା ୩୦ଟି ଜିଲ୍ଲାରୁ ୨୬ ଲକ୍ଷ ୧୪ ହଜାର ୧୩୭ଟି ପ୍ଲଟ୍ ମଧ୍ୟରୁ ୨୪ ଲକ୍ଷ ୯୪ ହଜାର ୪୩୭ଟି ପ୍ଲଟ୍‌ର କ୍ଷେତ୍ରିୟ ସର୍ବେକ୍ଷଣ ଶେଷ ହୋଇଥିବା ଜଣାପଡ଼ିଛି ।

***Puri/R***

# ରାଜରାଜେଶ୍ୱର ବେଶ

ପୁରୀ ଶ୍ରୀମନ୍ଦିରରେ ପୌଷପୂର୍ଣ୍ଣିମା ଅବସରରେ ଆଜି ମହାପ୍ରଭୁଙ୍କ ପୁଷ୍ୟାଭିଷେକ ନୀତି ଅନୁଷ୍ଠିତ ହେବ । ସକାଳଧୂପ ନୀତି ଶେଷ ହେବା ପରେ ସ୍ୱର୍ଣ୍ଣ ଓ ରତ୍ନ ଖଚିତ ଅଳଙ୍କାରରେ ମହାପ୍ରଭୁ ଭୂଷିତ ହୋଇ ଶ୍ରଦ୍ଧାଳୁମାନଙ୍କୁ ରାଜରାଜେଶ୍ୱର ବା ସୁନାବେଶରେ ଦର୍ଶନ ଦେବେ । ଏହି ପରିପ୍ରେକ୍ଷୀରେ ଗତକାଲି ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ଯଥା - ଜଳାଭିଷେକ, ଅଙ୍କୁରାରୋପଣ ଏବଂ ଦର୍ପଣ ଅଧିବାସ ନୀତି ସମ୍ପନ୍ନ ହୋଇଛି ।

***Baragarh/R***

# ଧନୁଯାତ୍ରା

ବରଗଡ଼ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ଆଜି ଶେଷ ହେଉଛି । ୧୧ ଦିନ ଧରି ଚାଲିଥିବା ଏହି ଯାତ୍ରାର ଅନ୍ତିମ ଦିନରେ ଆଜି କୃଷ୍ଣ-ବଳରାମଙ୍କ ହସ୍ତରେ କୁବଳୟା ହସ୍ତୀ ବଧ, ଚାଣୁର ଓ ମୁଷ୍ଟିକ ଆଦି ଅଷ୍ଟମଲ୍ଲ ନିଧନ, ଶିବଧନୁ ଭଙ୍ଗ, ଉଗ୍ରସେନଙ୍କ ରାଜ୍ୟାଭିଷେକ, ଦେବକୀ-ବସୁଦେବଙ୍କୁ କାରାଗାରରୁ ମୁକ୍ତି ଦୃଶ୍ୟ ଅଭିନୀତ ହେବା ସହ କଂସବଧ କାର୍ଯ୍ୟକ୍ରମ ପରିବେଷଣ କରାଯିବ ।

*Bolangir/R*

## ବଲାଙ୍ଗିର - ଧନୁଯାତ୍ରା

ବଲାଙ୍ଗିର ଜିଲ୍ଲାରେ ଧନୁଯାତ୍ରା ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଗତକାଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଯୋଗ ଦେଇଥିଲେ । ଲୋଇସିଙ୍ଗା ନିର୍ବାଚନ ମଣ୍ଡଳୀର ଭାରେଲ୍ ଗ୍ରାମଠାରେ ଅନୁଷ୍ଠିତ ହେଉଥିବା ଏହି ଧନୁଯାତ୍ରା ମହୋତ୍ସବରେ ୧୦୬ ବର୍ଷରେ ପଦାର୍ପଣ କରିଛି ।

*Nabarangpur/R*

## ପୁଷ୍‌ପୁନି ପର୍ବ

ନବରଙ୍ଗପୁର ଜିଲ୍ଲାରେ ଆଜି ପୌଷ ପୂର୍ଣ୍ଣମୀ ବା ପୁଷ୍‌ପୁନି ପର୍ବ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଉଛି । ଫସଲ ଅମଳ ପରେ ଏହା ପ୍ରଥମ ପର୍ବ ଭାବେ ପରିଚିତ । ଜିଲ୍ଲାର ଜନଜାତି ବର୍ଗର ସମସ୍ତ ଜନସାଧାରଣ ଏଥିରେ ସାମିଲ୍ ହୋଇଛନ୍ତି । ଛେର୍‌ଛେରା ଏହି ପର୍ବର ମୁଖ୍ୟ ଆକର୍ଷଣ ।

*Bolangir/R*

## ନିଦାନ କେନ୍ଦ୍ର

ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ବଲାଙ୍ଗିର ଆୟୁର୍ବେଦ କଲେଜରେ ନିଦାନ କେନ୍ଦ୍ରର ଶୁଭାରମ୍ଭ କରିଛନ୍ତି । ଆଗାମୀ ଦିନରେ ରାଜ୍ୟର ସମସ୍ତ

ଆୟୁର୍ବେଦ କଲେଜରେ ନିଦାନ କେନ୍ଦ୍ର ଖୋଲାଯିବ ବୋଲି ମନ୍ତ୍ରୀ କହିଛନ୍ତି । ନିଦାନ କେନ୍ଦ୍ରରେ ରୋଗୀମାନଙ୍କୁ ୩୨ ପ୍ରକାରର ନିଃଶୁଳ୍କ ପରୀକ୍ଷା ସୁବିଧା ଉପଲବ୍ଧ ହେବ ବୋଲି ଜଣାପଡ଼ିଛି ।

*Ganjam/R*

## ଗୋଦାମ ଗୃହ ଉଦ୍‌ଘାଟନ

ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ୍ ବରଗଂ ପଞ୍ଚାୟତ ଅନ୍ତର୍ଗତ ଲଙ୍କା ଗ୍ରାମରେ ପୂର୍ତ୍ତ ବିଭାଗ ପକ୍ଷରୁ ପ୍ରାୟ ୫୦ ଲକ୍ଷ ଟଙ୍କାରେ ନିର୍ମିତ ହୋଇଥିବା ନୂତନ ସେବା ସମବାୟ ସମିତି ଗୋଦାମ ଗୃହ ଉଦ୍‌ଘାଟିତ ହୋଇଛି । ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ୍ ସାମନ୍ତରାୟ ଏହାର ଉଦ୍‌ଘାଟନ କରିଛନ୍ତି ।

*Sonepur/R*

## ସଡ଼କ ସୁରକ୍ଷା

ସୁବର୍ଣ୍ଣପୁର ଜିଲ୍ଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟଠାରେ ଜାତୀୟ ସଡ଼କ ସୁରକ୍ଷା ସଚେତନତା ରଥକୁ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଶୁଭାରମ୍ଭ କରିଛନ୍ତି । ଏହି ପରିପ୍ରେକ୍ଷୀରେ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି ।

*Bhadrak/R*

## ଚକ୍ରଧର ବେହେରା

କନିକା କୃଷକ ପ୍ରଜା ଆନ୍ଦୋଳନର ମୁଖ୍ୟ ପୁରୋଧା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ବିଧାୟକ ଚକ୍ରଧର ବେହେରାଙ୍କ ୫୩ତମ ଶ୍ରାଦ୍ଧବାର୍ଷିକୀ ସମାରୋହ ଭଦ୍ରକ ଜିଲ୍ଲାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ତାଙ୍କର ସ୍ମୃତିଚାରଣ କରିଥିଲେ ।

*Desk*

## ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ପକ୍ଷରୁ ଆଜିଠାରୁ ପୁରୁଷବର୍ଗ ହକି ଇଣ୍ଡିଆ ଲିଗ୍ର ସପ୍ତମ ସଂସ୍କରଣ ଆରମ୍ଭ ହେଉଛି । ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତା ଭୁବନେଶ୍ୱର, ରାଞ୍ଚି ଓ ଚେନ୍ନାଇରେ ଅନୁଷ୍ଠିତ ହେବ । ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍ରେ ଚଳିତ ମାସ ୧୭ରୁ ୨୬ ତାରିଖ ପର୍ଯ୍ୟନ୍ତ ମ୍ୟାଚ୍ ଖେଳାଯିବ । ଚଳିତ ବର୍ଷ କଳିଙ୍ଗ ଲାନ୍ସର ସମେତ ୮ଟି ଦଳ ପ୍ରତିଯୋଗିତାରେ ଭାଗ ନେଉଛନ୍ତି ।

*Desk*

# ପାଣିପାଗ

ରାଜ୍ୟରେ ଶୀତଲହରୀ ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଅନୁସାରେ ଗତକାଲି ଦାରିଙ୍ଗିବାଡ଼ିଠାରେ ସର୍ବନିମ୍ନ ତାପମାତ୍ରା ୭ ଦଶମିକ ୫ ଡିଗ୍ରୀ ସେଲ୍‌ସିୟସ୍ ରହିଥିଲା । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଜଗତ୍‌ସିଂହପୁର, ପୁରୀ, କଟକ ଓ ଖୋର୍ଦ୍ଧାରେ ପ୍ରବଳ ଘନକୁହୁଡ଼ି ହେବା ସମ୍ଭାବନା ରହିଛି । ସେହିଭଳି ଘନକୁହୁଡ଼ି ହେବା ନେଇ ୧୦ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

*****